

"ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।"
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଟିକସ ଫାଙ୍କି ମାଲ ନେଉଥିବା ୨ ଟ୍ରକ୍ ଅଟକ

ଜୟପୁର,୨୬।୪(ଡି.ଏନ୍.ଏ.): ମାଲକାନଗିରି ଜିଲାରୁ ପଶ୍ଚିମବଙ୍ଗକୁ ୨ଟି ଟ୍ରକ୍‌ରେ ୩୦ ଲକ୍ଷ ଟଙ୍କାର କେନ୍ଦୁପତ୍ର ସାମଗ୍ରୀ ଜିଏସ୍‌ଟି ଫାଙ୍କି ବିନା କାଗଜପତ୍ରରେ ଚାଲାଣ ହେଉଥିଲା। ଏହି ସୂଚନା ପାଇ ଜୟପୁର ବିକ୍ରିକର ବିଭାଗର ଏନଫୋର୍ସମେଣ୍ଟ ସେକ୍ସନ ଚଢ଼ାଉ କରିଛି। ନିର୍ଦ୍ଧାରିତ ଟିକସ ଓ ଜରିମାନା ବାବଦକୁ ୩ ଲକ୍ଷ ଟଙ୍କା ପଇଠ କରିବା ପରେ ଟ୍ରକ୍ ଦୁଇଟିକୁ ଛଡ଼ାଯିବ ବୋଲି ବିଭାଗ କହିଛି। ଓଡି ୩୦ଏ ୫୨୨୪ ନମ୍ବର ଥିବା ଟ୍ରକ୍ ୧୨ ଲକ୍ଷ ଏବଂ ଓଡି ୩୦ ଏ ୭୦୧୧ ନମ୍ବର ଥିବା ଟ୍ରକ୍ ୧୮ ଲକ୍ଷ ଟଙ୍କାର କେନ୍ଦୁପତ୍ର ସାମଗ୍ରୀ ମାଲକାନଗିରିରୁ ପଶ୍ଚିମବଙ୍ଗ ନେଉଥିଲା। ଏସବୁ ଜିଏସ୍‌ଟି କାଗଜପତ୍ର ଏବଂ ୱେ ବିଲ ନଥାଇ ପରିବହନ କରାଯାଉଥିଲା। ଅଭିଯୋଗ ପାଇ ବିଭାଗର ସିଟିଓ ଝୁମର ମାଝିଙ୍କ ନେତୃତ୍ୱରେ ସ୍ଥାନୀୟ ଜୟପୁର ନିକଟସ୍ଥ ଡଙ୍ଗରଛିଣ୍ଡି ଗ୍ରାମ ନିକଟରେ ଉପରୋକ୍ତ ଟ୍ରକ୍ ଦୁଇଟିକୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ନିୟମ ଅନୁଯାୟୀ କାଗଜପତ୍ର ନ ଥିବା ଯୋଗୁ ଗାଡ଼ି ଦୁଇଟିକୁ ବିଭାଗ ଅଟକ ରଖିଛି।

### ଷ୍ଟେଶନରୁ ଗଞ୍ଜେଇ ଜବତ ନାବାଳକଙ୍କୁ ପଠାଗଲା ଜୁଭେନାଇଲ ବୋର୍ଡ

କୋରାପୁଟ,୨୬।୪(ସ୍ୱ.ପ୍ର.) : କୋରାପୁଟ ଷ୍ଟେସନରେ ଜଣେ ସନ୍ଦିଗ୍ଧ ନାବାଳକଙ୍କଠାରୁ ୪.୫ କେଜି ଗଞ୍ଜେଇ ଜବତ କରିଛି ଜିଆରପି ପୋଲିସ। ଏଥିରେ ଅଭିଯୁକ୍ତ ନାବାଳକଙ୍କୁ ପ୍ରଥମେ ଅଟକ ରଖାଯିବା ପରେ ତାଙ୍କୁ ଜୟପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଯାଇଛି। ସମ୍ପୃକ୍ତ ନାବାଳକଙ୍କ ଘର ଛତିଶଗଡ଼ର ସୁକ୍‌ମା ଜିଲାରେ ବୋଲି ଜଣାପଡ଼ିଛି। ସେ ଛତିଶଗଡ଼ ଅଞ୍ଚଳରୁ ଏହି ଗଞ୍ଜେଇ ଟ୍ରେନ୍‌ରେ ଆଣି କୋରାପୁଟ ଷ୍ଟେସନରେ ଜଣେ ବ୍ୟକ୍ତିଙ୍କୁ ଦେବା ପାଇଁ ଅପେକ୍ଷା କରିଥିଲେ। ଏତିକିବେଳେ ସେଠାରେ ଜିଆରପି ପୋଲିସ ସନ୍ଦିଗ୍ଧ ଅବସ୍ଥାରେ ତାଙ୍କୁ ଦେଖିବା ପରେ ଥାନାକୁ ନେଇ ଜେରା କରିଥିଲା। ଏହାପରେ ତାଙ୍କ ବ୍ୟାଗ୍‌ରୁ ୪.୫ କେଜି ଗଞ୍ଜେଇ ମିଳିଥିଲା। ଜୁଭେନାଇଲ ଜଷ୍ଟିସ୍ ବୋର୍ଡ଼ ଆଗରେ ତାଙ୍କୁ ହାଜର କରିବା ପାଇଁ ପଠାଇଛି ପୋଲିସ।

### ଟ୍ରାକ୍ଟର ଧକ୍କାରେ ଜଣେ ଗୁରୁତର

ଦାରିଙ୍ଗବାଡି,୨୬।୪(ଡି.ଏନ.ଏ.): ଦାରିଙ୍ଗବାଡି ଥାନା କଫିବଗିଚା ନିକଟରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେହେଲେ ଦାରିଙ୍ଗବାଡିର ଶରତ ଚନ୍ଦ୍ର ସାହୁ। ଶରତଙ୍କୁ ପ୍ରଥମେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡମେଡିକଲକୁ ନିଆଯାଇଥିବା ତାଙ୍କ ପୁଅ ସିପୁ କହିଛନ୍ତି। ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ହୋଇ ନ ଥିବା ଜଣାପଡିଛି।

# ଅକାମୀ ପଡ଼ିଛି ୨୩ ସୌର ଜଳ ପ୍ରକଳ୍ପ

ଜୟପୁର,୨୬।୪(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା) ଦ୍ୱାରା ନିର୍ମିତ ହୋଇଥିବା ଲକ୍ଷାଧିକ ଟଙ୍କାର ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁନାହିଁ । ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଏହା ବାଧକ ସାଜିଛି। ପ୍ରତ୍ୟେକ ପଞ୍ଚାୟତରେ ୧୦ ହଜାରରୁ ଊର୍ଦ୍ଧ୍ୱ କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କରାଯାଇଛି । କିନ୍ତୁ ପାଇପ ମାଧ୍ୟମରେ ସବୁ ଗାଁକୁ ଜଳ ଯୋଗାଣ ସମ୍ଭବ ହୋଇପାରୁ ନାହିଁ। ତେଣୁ ସୌରଶକ୍ତି ପରିଚାଳିତ ମୋଟର ଦ୍ୱାରା ଭୂତଳ ଜଳ ଉତ୍ତୋଳନ କରାଯାଇ ସେହି ଗ୍ରାମକୁ ଯୋଗାଇ ଦିଆଯାଉଛି।



ଡୋଲିଆମ୍ବଗୁଡ଼ାରେ ଅକାମୀ ପ୍ରକଳ୍ପ।

ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ୬୭ଟି ଏଭଳି ପ୍ରକଳ୍ପ ନିର୍ମିତ ହୋଇଛି । ଗୋଟିଏ ପ୍ରକଳ୍ପ ପିଛା ୩ ଲକ୍ଷ ୩୦ ହଜାର ୪୯୫ଟଙ୍କା ନିର୍ମାଣ ଖର୍ଚ୍ଚ ଆସୁଛି। କିନ୍ତୁ ଏଥିରୁ ୨୩ଟି ଖରାପ ହୋଇ ପଡ଼ିଛି। ବ୍ଲକର କେବଳ ଟାଙ୍କୁଆ ପଞ୍ଚାୟତର ଡୋଲିଆମ୍ବଗୁଡ଼ା, ପଦ୍ମପୁର ରାଜସ୍ୱ ଗ୍ରାମର ହରିଶ୍ଚନ୍ଦ୍ରଗୁଡ଼ା ଏବଂ ବଦଲିଗୁଡ଼ା ଦୁଇଟି ହାମଲେଟରେ ୨ଟି ପ୍ରକଳ୍ପ ନିର୍ମାଣ ହେବାର ମାସକ ମଧ୍ୟରେ ଖରାପ ହୋଇଥିଲା। ଗ୍ରାମବାସୀ ଅଭିଯୋଗ କରିବା ପରେ ଏହାର ମରାମତି ହୋଇଥିଲା। କିନ୍ତୁ ୧୦ ଦିନ ପରେ ପୁଣି ଖରାପ ପଡ଼ିଥିଲା। ମରାମତି ଦାୟିତ୍ୱରେ ଥିବା ସଂସ୍ଥାର କେହି ଏଥିପାଇଁ ଆସୁନାହାନ୍ତି। ପାଲଟା ଭାବେ ହରିଶ୍ଚନ୍ଦଗୁଡ଼ା ହାମଲେଟ ଗ୍ରାମର ମୋଟର ନିର୍ମାଣ କରିବା ପାଇଁ ପାଣି ମୋଟର ବାହାର କରିନିଆ ଯାଇଛି। ସେହିପରି ଡୋଲିଆମ୍ବଗୁଡ଼ାରେ ୨୦୧୮ ଅଗଷ୍ଟରେ ନିର୍ମିତ ପ୍ରକଳ୍ପ ଏବେ ଖରାପ ହୋଇ ପଡ଼ିଛି। ଏନେଇ ଭୁବନେଶ୍ୱର ଓରେଡାର ଟୋଲଫ୍ରି ନମ୍ବରରେ ଯୋଗାଯୋଗ କରାଯାଇଛି। କିନ୍ତୁ ଏହି ତିନୋଟି ପ୍ରକଳ୍ପ ଖରାପ ଥିବା ନେଇ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇ ନ ଥିବା ସେମାନେ କହିଥିଲେ। ଶୁକ୍ରବାର ସେମାନେ ଅଭିଯୋଗ ପଞ୍ଜିକୃତ କରିଛନ୍ତି ।

■ ବିଲ୍ଟ ପେପର ମିଲ୍‌ରେ ଅଚଳାବସ୍ଥା ଜାରି

# ଆଜି ଜିଲାପାଳଙ୍କୁ ଭେଟିବ କର୍ମଚାରୀ ସଂଘ

ଜୟପୁର,୨୬।୪(ନି.ପ୍ର.)

ଜୟପୁର ସ୍ଥିତ ବିଲ୍ଟ ପେପର ମିଲରେ ଅଚଳାବସ୍ଥା ଯୋଗୁ ୫ ହଜାର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏଭଳି ପରିସ୍ଥିତି ହଟିବା ପାଇଁ ମିଲ୍ କର୍ମଚାରୀଙ୍କୁ ଦରମା ଦାବି ନେଇ ଶନିବାର ଜିଲାପାଳଙ୍କୁ ସାକ୍ଷାତ କରିବ କର୍ମଚାରୀ ସଂଘ। ଶୁକ୍ରବାର ପେପର ମିଲ ପରିସରରେ ୪ଟି ୟୁନିୟନର ମିଳିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ୪ଟି ୟୁନିୟନର ସଦସ୍ୟ, ଠିକାଦାର ୟୁନିୟନ ମିଶି ଜିଲାପାଳଙ୍କୁ ଭେଟି ଦାବି ଜଣାଇବେ। ଗତ ସପ୍ତାହରେ ମଧ୍ୟ ଏହି ଘଟଣାରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଥିଲା ସଂଘ। ଗତ ୧୩ ଜୁଲାଇ ୨୦୧୮ରେ ମିଲ୍ ବନ୍ଦ ହୋଇଥିବା ବେଳେ ବହୁ ସଂଗ୍ରାମ ଯୋଗୁ ୩ ମାସ ପରେ ଏହା ଖୋଲିଥିଲା। ମିଲରେ ୪୫୦ ସ୍ଥାୟୀ, ୭ ଶହ ଅସ୍ଥାୟୀ, ୨ ଶହ ଅଫିସ୍ କର୍ମଚାରୀ ନିୟୋଜିତ ଥିବାବେଳେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାରରୁ ଅଧିକ ଲୋକ ମିଲ୍ ଉପରେ ନିର୍ଭର କରନ୍ତି । ଗତ ଫେବୃଆରୀରୁ କର୍ମଚାରୀମାନେ ଦରମା ପାଇନାହାନ୍ତି। ଅନ୍ୟପକ୍ଷରେ କଞ୍ଚାମାଲ ଓ କେମିକାଲର ଅଭାବ ଯୋଗୁ ମିଲ୍ ବନ୍ଦ ପଡ଼ିବା ପରେ ଏବେ ପୁଣି ଅଚଳାବସ୍ଥା ଜାରି ରହିଛି।

■ ଅଂଶୁଘାତ ମୁକାବିଲା ପାଇଁ ୫ କଣ୍ଟ୍ରୋଲ ରୁମ୍

# ୨୪୦ ପଞ୍ଚାୟତରେ ଖୋଲାଯିବ ଜଳଛତ୍ର

କୋରାପୁଟ,୨୬।୪(ସ୍ୱ.ପ୍ର.)

କୋରାପୁଟ ଜିଲାରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଏହାର ମୁକାବିଲା ସହିତ ଲୋକଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲାର ସଦର ମହକୁମାରେ ୫ଟି କଣ୍ଟ୍ରୋଲ ରୁମ ଖୋଲାଯାଇଛି। ସେହିପରି ଜିଲାର ସମସ୍ତ ୧୪ଟି ବ୍ଲକର ୨୪୦ଟି ପଞ୍ଚାୟତରେ ଜଳଛତ୍ର ଖୋଲିବା ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଜରୁରୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଶୁଧନ ବିଭାଗ, ସହରାଞ୍ଚଳ ପାନୀୟ ଜଳ ଯୋଗାଣ ଓ ଜିଲା ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟ ଆଦି ୫ଟି ସ୍ଥାନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେହିପରି ସମସ୍ତ ୧୪ଟି ବ୍ଲକର ବିଡିଓଙ୍କୁ ଅଂଶୁଘାତର ମୁକାବିଲା କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କୋରାପୁଟ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ୱାର୍ଡ଼ ଖୋଲାଯାଇଛି।



କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

କୋରାପୁଟ,୨୬।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସଦର ମହକୁମାରେ ଶୁକ୍ରବାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ ହୋଇଛି । ସ୍ଥାନୀୟ ଟ୍ରାଫିକ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଧାନ ଟୁଲି ଆମ୍ବା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମାରକୀ କମିଟିର ସଦସ୍ୟ ରମା ଶର୍ମା, ଅରୁଣ ଦାସ, ସି.ଏଚ୍. ସାନ୍ତାକାର, କ୍ଷେତ୍ର ମୋହନ ରାଉତରାୟ, ଅଲିଭା ବେହେରା, ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଅଧ୍ୟକ୍ଷ ହରିହର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମିନାବଜାରରେ ଶ୍ରମ ବିଭାଗ ଚଢ଼ାଉ

ଜୟପୁର,୨୬।୪(ଡି.ଏନ୍.ଏ.)

ଜୟପୁର ସହରର ଏନ.କେ.ଟି ରୋଡସ୍ଥିତ ଏକ ଘରୋଇ ସ୍କୁଲ ପଡିଆରେ ସପ୍ତାହେ ହେଲା ମୀନାବଜାର ଚାଲିଛି। ସେଠାରେ ଶିଶୁ ଶ୍ରମିକଙ୍କୁ କାମରେ ଲଗାଯାଉଛି। ମୀନା ବଜାର କର୍ତ୍ତୃପକ୍ଷ ଶ୍ରମ ବିଭାଗ ଏନ୍‌ଓସି ବିନା ଏପରି ଚଳାଇଛନ୍ତି। ଶ୍ରମ ବିଭାଗ ଏନଓସି ନଥାଇ ଉପଖଣ୍ଡ ପ୍ରଶାସନ ଏହାକୁ କିପରି ଅନୁମତି ଦେଇଛି, ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗତ ଗୁରୁବାର ସନ୍ଧ୍ୟାରେ ଚଢ଼ାଉ ବେଳେ ସେଠାରେ ଶିଶୁ ଶ୍ରମିକଙ୍କୁ କାମରେ ଲଗାଯାଇଥିବା ଦେଖିବାକୁ ମିଳିଛି। ମୀନାବଜାର କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାଳୟରେ ହାଜର ହେବା ସହ ସମସ୍ତ କାଗଜପତ୍ର ଓ ଶ୍ରମିକ ସାର୍ଟିଫିକେଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୀନାବଜାର ମ୍ୟାନେଜର ବାହାରକୁ ଯାଇଥିବା ଯୋଗୁ ଦୁଇଦିନ ଭିତରେ ସବୁ ଦସ୍ତାବିଜ ଧରି ହାଜର ହେବେ ବୋଲି ଅନୁରୋଧ କରିଛନ୍ତି। ମୀନା ବଜାର କର୍ତ୍ତୃପକ୍ଷ ପ୍ରଶାସନ ନିକଟେରେ ଅନୁମତି ଆବେଦନ କରିଛନ୍ତି । ଅନ୍ୟପକ୍ଷରେ ମୀନା ବଜାର ଚାଲିଥିବା ପୁରୁଣାଗଡ଼କୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ମେଳାପ୍ରେମୀ ବାଇକ, ସାଇକେଲ ପାର୍କିଂ ପାଇଁ ୫ରୁ ୧୦ ଟଙ୍କା ବେଆଇନ ଭାବେ ଆଦାୟ କରାଯାଉଛି । ସନ୍ଧ୍ୟାରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ମଧ୍ୟ ହେଉଛି। କିନ୍ତୁ ପୌରସଂସ୍ଥାକୁ କୌଣସି ଟିକସ ମୀନା ବଜାର ଦେଉନାହିଁ। ଏନେଇ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଏହିପରି ସମସ୍ୟା ହେଉଥିଲେ ତୁରନ୍ତ ମୀନାବଜାର କର୍ତ୍ତୃପକ୍ଷଙ୍କୁ ଡକାଯାଇ ତାଗିଦ କରାଯିବ । ଆବଶ୍ୟକସ୍ଥଳେ ଅନୁମତି ସ୍ଥଗିତ ରଖାଯିବ।

■ ସରକାରୀ ନିର୍ଦ୍ଦେଶକୁ ଖିଲାପ କରୁଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ

# ବିଳମ୍ବରେ ଖୋଲୁଛି ସ୍କୁଲ, ଶୀଘ୍ର ପଡୁଛି ତାଲା



ଧାର୍ଯ୍ୟ ସମୟ ପୂର୍ବରୁ ନୂଆଗୁଡ଼ା ସ୍କୁଲରେ ତାଲା ପଡ଼ିଛି।

ଜୟପୁର,୨୬।୪(ଡି.ଏନ୍.ଏ.)

ପ୍ରବଳ ଖରା ଯୋଗୁଁ ଗଣଶିକ୍ଷା ବିଭାଗ ଗତ ଏପ୍ରିଲ ୧୮ରୁ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିଥିଲେ। ଏହା କେବଳ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସକାଳ ସାଢ଼େ ୬ରୁ ସାଢ଼େ ୧୦ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବା ସହ ନୂତନ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବା ପ୍ରକ୍ରିୟା ଜାରି ରଖିବା ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହାକୁ କେତେକ ଶିକ୍ଷୟିତ୍ରୀ ଶିକ୍ଷକ ଖିଲାପ କରୁଛନ୍ତି। ଅଧିକାଂଶ ବିଦ୍ୟାଳୟ ସକାଳ ସାଢ଼େ ୭ ପରେ ଖୋଲୁଛି ଓ ସାଢ଼େ ୯ଟାରେ ବନ୍ଦ ହୋଇଯାଉଛି। କିଛି ଶିକ୍ଷକ ୯ଟାରେ ସ୍କୁଲ ଖୋଲି ଝାଡୁ କରି ପୁଣି ଅଧଘଣ୍ଟାରେ ବନ୍ଦ କରିଦେଉଛନ୍ତି। ଶୁକ୍ରବାର ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତର ମାହାଲିଆପୁଟ, ଏମ. ନୂଆପୁଟ, ଡୋଲିଆମ୍ବଗୁଡ଼ା ଗ୍ରାମରେ ୧୦ଟା ପୂର୍ବରୁ ବିଦ୍ୟାଳୟରେ ତାଲା ଦେଇ ଶିକ୍ଷୟିତ୍ରୀ ଶିକ୍ଷକ ଫେରିଯାଇଥିଲେ। ଏନେଇ ଏବିଇଓ ବି. ହରିଶ୍ଚନ୍ଦ୍ର ରାଓଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ସରକାରଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏଭଳି ଅଭିଯୋଗ ନେଇ ତୁରନ୍ତ ସିଆରସିସିଙ୍କ ବୈଠକ ଡକାଯାଇ ବିଦ୍ୟାଳୟକୁ ବିଭିନ୍ନ ସମୟରେ ତଦାରଖ ପାଇଁ ଯିବାକୁ ନିର୍ଦ୍ଦେଶ ଦିଆଯିବ।

# ଅତିରିକ୍ତ ଜିଲାପାଳଙ୍କ ପଦୋନ୍ନତି

କୋରାପୁଟ,୨୬।୪(ସ୍ୱ.ପ୍ର.):

କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ଓଏଏସ୍ (ଏସ୍.ଏ .ଜି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା ୧୨୧୬୮/୨୫-୪-୨୦୧୯ ଅନୁଯାୟୀ ଏହି ଘୋଷଣା କରାଯାଇଛି। ପ୍ରଧାନଙ୍କ ସହ ଭୁବନେଶ୍ୱର ଇଡକୋ ସିଜିଏମ୍ ଗଣେଶ୍ୱର ଜେନା ଓ କେନ୍ଦୁଝର ଜିଲାର ଅତିରିକ୍ତ ଜିଲାପାଳ ଭକ୍ତଚରଣ ପ୍ରଧାନଙ୍କୁ ମଧ୍ୟ ଏହି ପାହ୍ୟାକୁ ପଦୋନ୍ନତି ମିଳିଛି।

# ମୌଳିକ ସମସ୍ୟାରୁ ମୁକୁଳିପାରୁନି ଖାଲପଡ଼ା



ଅବହେଳିତ ଖାଲପଡ଼ା ଗାଁର ଚିତ୍ର।

କୋରାପୁଟ,୨୬।୪(ସ୍ୱ.ପ୍ର.)

ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ କୋରାପୁଟ ଜିଲାର ବହୁ ଗ୍ରାମବାସୀ ଏବେ ବି ମୌଳିକ ସମସ୍ୟା ଭିତରୁ ମୁକୁଳି ପାରୁନାହାନ୍ତି। ସେମାନେ ଅବହେଳିତ ଜୀବନ କାଟୁଛନ୍ତି। ସରକାରୀ ଯୋଜନା ସେମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଛି।

କୋରାପୁଟ ସହରରୁ ମାତ୍ର ୧୮ କିମି ଓ ୨୬ ନମ୍ବର ଜାତୀୟ ରାଜପଥରୁ ୫ କିମି ଦୂରରେ ରହିଥିବା ଏହି ଗାଁକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏହି କାରଣରୁ ଲୋକେ ସ୍ୱାସ୍ଥ୍ୟ, ବିଜୁଳି, ଶିକ୍ଷା, ପାନୀୟ ଜଳ ଭଳି ମୌଳିକା ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଗାଁରେ ଥିବା ୩୦ରୁ ଊର୍ଦ୍ଧ୍ୱ ପରିବାର ପାଇଁ ମାତ୍ର

### ବିକାଶରେ ବାଧା

ଗୋଟିଏ ନଳକୂପ ରହିଛି। କିନ୍ତୁ ସେଥିରୁ ଅଳ୍ପ ପାଣି ବାହାରିବା ପରେ ବନ୍ଦ ବନ୍ଦ ହେଇଯାଉଥିବାରୁ ଗ୍ରାମବାସୀ ଗାଁ ନିକଟସ୍ଥ ନାଳର ଦୂଷିତ ଜଳ ବ୍ୟବହାର କରୁଛନ୍ତି। ବିଜୁଳି ନଥିବାରୁ ଅନ୍ଧାରରେ ଦିନ କଟୁଛି। ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାବେଳେ ଶିକ୍ଷାର ଦୁରାବସ୍ଥା ମଧ୍ୟ ନକହିଲେ ଭଲ। ଏସବୁ ସମସ୍ୟା ନେଇ କୋରାପୁଟ ବିଡିଓ ନରେନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଗାଁ ଉପକଣ୍ଠ ମୋହନପଡ଼ାର ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜମି ଥିବା ଯୋଗୁଁ ସେଠାରେ ରାସ୍ତା କରାଯାଇପାରୁ ନାହିଁ। ଖୁବ୍ ଶୀଘ୍ର ଗାଁ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

■ ବୈପାରୀଗୁଡ଼ା ସଦରରେ ପାନୀୟ ଜଳ ସମସ୍ୟା ଉତ୍କଟ

# ପ୍ରକଳ୍ପରେ ସରୁଛି ଅନୁଦାନ, ମେଣ୍ଟୁନି ଲୋକଙ୍କ ଶୋଷ

ବୈପାରୀଗୁଡ଼ା,୨୬।୪(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ସଦରରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ପ୍ରଶାସନ ଏ ଦିଗରେ ନିରବଦ୍ରଷ୍ଟା ସାଜିବା ଉଦ୍‌ବେଗର ବିଷୟ ପାଲଟିଛି। କେବଳ ପ୍ରକଳ୍ପ ଉପରେ ପ୍ରକଳ୍ପ କରାଯାଇ ଏ ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସରକାରୀ କର୍ମଚାରୀ ଓ ଠିକାଦାର ଲାଭବାନ ହେଉଥିବା ବେଳେ ଲୋକେ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି।

ବ୍ଲକ ସଦରର ଜନସଂଖ୍ୟା ପ୍ରାୟ ୭ ହଜାର। ଏମାନଙ୍କ ଲାଗି ଦୈନିକ ୨ ଲକ୍ଷ ଲିଟର ପାଣିର ଆବଶ୍ୟକତା ରହିଛି । ପାହାଡ଼ିଆ ଜାଗା ହେତୁ ଖରାଦିନେ କୂଅ ଶୁଖିଯାଉଥିବା ବେଳେ ପାଇପ ପାଣି ଉପରେ ନିର୍ଭର କରିବାକୁ ପଡୁଛି । କିନ୍ତୁ ପାଇପ୍ ପାଣି ଆବଶ୍ୟକ ପରିମାଣରୁ ବହୁତ କମ୍ ଆସୁଛି। ପୁଣି ତାହା ନିୟମିତ ନୁହେଁ। ବର୍ଷକତଳେ ମୁଖ୍ୟଛକରୁ ଗୁପ୍ତେଶ୍ୱର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ବେଳେ ପାଇପ ସବୁ ବାହାର କରାଯାଇଥିଲା । ତେବେ ନୂଆ ପାଇପ୍ ଏ ପର୍ଯ୍ୟନ୍ତ ବିଛାଯାଇ ନ ଥିବାରୁ ଗୌଡ଼ସାହିକୁ ପାଣି ଯୋଗାଣ ସଂପୂର୍ଣ୍ଣ ବନ୍ଦ ରହିଛି। ସେହିପରି ବିରଖମ୍ବ ସାହି, ଟାପାକାରିଆ ସାହି, ଭିଆଇପି କଲୋନି, ହନୁମାନ ନଗର ଓ କାଠମିଲ୍ ସାହିକୁ ପାଇପ୍ ପାଣି ଯାଉନାହିଁ। ବେଳେବେଳେ ମୁଖ୍ୟରାସ୍ତାରେ ତଳସାହିରୁ ଛକ ପର୍ଯ୍ୟନ୍ତ ପାଇପ୍ ପାଣି ଦିନକୁ ମାତ୍ର ୨୦ରୁ ୩୦ ମିନିଟ୍, ତାହା ମଧ୍ୟ ଅନିୟମିତ ଭାବେ ଆସୁଛି। ପାଣିର ଅଭାବ ଏତେ ଉତ୍କଟ ଯେ, ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ସାଧାରଣ ଲୋକ ଓ ହୋଟେଲ୍ ଜଳଖିଆ ଦୋକାନୀଙ୍କୁ ଘରୋଇ ସଂସ୍ଥାଠାରୁ ପାଣି କିଣିବାକୁ ପଡୁଛି।

ସୂଚନାଯୋଗ୍ୟ ଯେ ବୈପାରୀଗୁଡ଼ା ସମେତ ଏହାର ଉପକଣ୍ଠ ଓ ଗୌଡ଼ଗୁଡ଼ା ଗ୍ରାମକୁ ପାଇପ ଯୋଗେ ଜଳ ଯୋଗାଣ ପାଇଁ ବିଭିନ୍ନ ସମୟରେ ପ୍ରକଳ୍ପ ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରଥମେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨୦ ହଜାର ଲିଟର ଟାଙ୍କିରୁ ପାଣି ଯୋଗାଣ ଆରମ୍ଭ ହୋଇଥିଲା । ପରେ ସ୍ୱଜଳ ଧାରା ଯୋଜନାରେ ଅନ୍ୟ ଏକ କମିଟି କରାଯାଇ ୧୫ ଲକ୍ଷ ଟଙ୍କା ଅଟକଳରେ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଏକ ବୋରୱେଲ୍ ଖୋଳାଯାଇ ସ୍ୱତନ୍ତ୍ର ଭାବେ ପାଇପ୍ ବିଛାଯାଇ ଘରକୁ ଘର ପାଣି ସଂଯୋଗ ଦିଆଯାଇଥିଲା। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ୱଜଳ ଧାରା କମିଟି ବୁଝୁଥିଲା। ବିଦ୍ୟୁତ ବିଲ୍ ବକେୟା ବଢିଯିବାରୁ ବିଦ୍ୟୁତ ବିଭାଗ ସଂଯୋଗ ଛିନ୍ନ କରିଥିଲା। ଫଳରେ ପୂର୍ବରୁ ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଗୋଟିଏ ବୋରୱେଲ୍ ଉପରେ ପାଣି ପାଇଁ ନିର୍ଭର କରିବାକୁ ପଡ଼ିଲା । ପରେ ସରକାରୀ ନିଷ୍ପତ୍ତି ଅନୁସାରେ ଉଭୟ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା ।



ହନୁମାନ ବାଟିକାରେ ନିର୍ମିତ ପାଣିଟାଙ୍କି ଓ ବୋରୱେଲ୍।

ଗୋଟିଏ ବୋରୱେଲର ପାଣି ନିଅଣ୍ଟିଆ ସତ୍ତ୍ୱେ ସ୍ୱଜଳଧାରା ବୋରୱେଲ କାର୍ଯ୍ୟକ୍ଷମ କରାନଯାଇ ପୁଣି ଏକ ଲକ୍ଷ ଲିଟର ପାଣି କ୍ଷମତା ବିଶିଷ୍ଟ ଅନ୍ୟ ଏକ ପାଣି ଟାଙ୍କି କରାଗଲା। ସେତିକିରେ ଯାହା ପାଣି ଆସୁଥିଲା ତାହା ନିଅଣ୍ଟ ହେଉଥିଲା । ୨ ବର୍ଷ ତଳେ ରାଞ୍ଚି-ବିଜୟୱାଡ଼ା ରାସ୍ତା ନିର୍ମାଣ ବେଳେ ପାଇପ୍ ତାଡ଼ିଦିଆଯିବାରୁ ପରିସ୍ଥିତି ଜଟିଳ ହୋଇଗଲା । ଏବେ ଆଉ ଏକ ପ୍ରକଳ୍ପ ବାବଦକୁ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ବୋରୱେଲ୍ ଖୋଳାଯାଇଥିବା ବେଳେ ହନୁମାନ ବାଟିକା ନିକଟରେ ପାହାଡ଼ ଉପରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ବସାଯାଇଛି। ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବୈପାରୀଗୁଡ଼ା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ଆଶା କରାଯାଇଥିଲା । କିନ୍ତୁ ଉକ୍ତ ପ୍ରକଳ୍ପ ସଂପୂର୍ଣ୍ଣ ହେବାର ୪ ମାସ ବିତିଯାଇଥିବା ବେଳେ ତାହା କାର୍ଯ୍ୟକ୍ଷମ ହୋଇନାହିଁ । ନିମ୍ନମାନର କାମ ହୋଇଥିବାରୁ ତାହାର କାର୍ଯ୍ୟକାରିତା ନେଇ ସନ୍ଦେହ ପ୍ରକାଶ ପାଇଛି । ୩ ମାସ ତଳେ ପରୀକ୍ଷା ମୂଳକ ଭାବେ ଟାଙ୍କିକୁ ପାଣି ଚଢାଇବା ବେଳେ ପାଇପ୍‌ରୁ ପାଣି ଲିକେଜ୍ ହେବାରୁ ତାହା ବନ୍ଦ କରାଯାଇଥିଲା। ଟାଙ୍କି ବାବଦକୁ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏ ସଂପର୍କରେ ସ୍ଥାନୀୟ ଉପଖଣ୍ଡ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏସ୍‌ଡିଓ ବିକେତ ମାଝିଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କହିଥିଲେ ରାସ୍ତା ନିର୍ମାଣ କରୁଥିବା ଏନ୍‌ଏଚ କର୍ତ୍ତୃପକ୍ଷଙ୍କୁ ନୂଆରେ ପାଇପ ସଂଯୋଗ କରିବା ବାବଦକୁ ୨୨ ଲକ୍ଷ ଟଙ୍କାର ଏଷ୍ଟିମେଟ ଯାଇଥିଲା । ୨ ବର୍ଷ ବିତିଗଲାଣି । ଏଯାଏଁ ତାହା ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ପଇଠ କରାଯାଇ ନାହିଁ। ଫଳରେ ହନୁମାନ ବାଟିକାରେ ନୂତନ ଭାବେ ନିର୍ମାଣ ହେଉଥିବା ପାଣି ପ୍ରକଳ୍ପ ଅନୁଦାନକୁ ଡାଇଭର୍ଟ କରାଯାଇ ମୁଖ୍ୟରାସ୍ତା କଡ଼ରେ ତାଙ୍କ ବିଭାଗ ପକ୍ଷରୁ ପାଇପ ସଂଯୋଗ କରାଗଲା। ନିଅଣ୍ଟିଆ ଅର୍ଥ କାରଣରୁ ହନୁମାନ ବାଟିକା ସ୍ଥିତ ନୂଆ ପାଣିଟାଙ୍କିରୁ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ପ୍ରାୟ ୭ ଶହ ମିଟର ଦୂର ପାଇପ ସଂଯୋଗ କରାଯାଇ ପାରିଲା ନାହିଁ । ଫଳରେ ନୂଆଟାଙ୍କିରୁ ପାଣି ବୈପାରୀଗୁଡ଼ା ଗାଁକୁ ଦେବା ସମ୍ଭବ ହେଉନାହିଁ । ପୂର୍ବରୁ ଥିବା ଗୋଟିଏ ମାତ୍ର ପାନୀୟ ଜଳ ଉତ୍ସରେ ଜଳସ୍ତର କମିଆସିଲାଣି । ମୋଟର ୩ ଘଣ୍ଟା ଚାଲିଲେ ପରେ ପାଣି ଆଉ ଉଠୁନାହିଁ । ସେହିପରି ବୈପାରୀଗୁଡ଼ା ଗୌଡ଼ସାହିରେ ପାଇପ୍ ସଂଯୋଗ ପାଇଁ ପୂର୍ତ୍ତ ବିଭାଗକୁ ୭ ଲକ୍ଷ ଟଙ୍କା ମଗାଯାଇଥିଲା । କିନ୍ତୁ ପୂର୍ତ୍ତ ବିଭାଗ ମଧ୍ୟ ନିରବ ରହିଥିବାରୁ କାମ ଆଗେଇ ପାରୁନାହିଁ । ଏବେ ଅବୈଧ ଭାବେ ଲୋକେ ମନମୁଖୀ ଘରକୁ ପାଣି ସଂଯୋଗ କରୁଥିବା ବେଳେ ଅନେକ ଟୁଲ୍ ପମ୍ପ ବ୍ୟବହାର କରୁଛନ୍ତି ଯାହା ପାଣି ନିଅଣ୍ଟର ଅନ୍ୟ କାରଣ ବୋଲି ସେ କହିଛନ୍ତି। ତେବେ ନୂଆ ଟାଙ୍କି ନିର୍ମାଣରେ ନିମ୍ନମାନର କାମ ସଂପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ନିର୍ମାଣସ୍ଥଳକୁ ଯାଇ ଅନୁଧ୍ୟାନ କରିବେ ବୋଲି କହିଥିଲେ।



ଜୱାନ ଓ କିଷାନର ଜୟ ହିଁ ଦେଶ ଓ ଜାତିର ଜୟ।
- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଯାନବାହନ ଯାଞ୍ଚ, ଜରିମାନା ଆଦାୟ



ରାୟଗଡା ଅଫିସ୍, ୨୬।୪- ରାୟଗଡା ସହରରେ ଶୁକ୍ରବାର ଯାନବାହନ ଯାଞ୍ଚ କରାଯାଇଛି । ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଛକଠାରେ ପୋଲିସ ଉପସ୍ଥିତିରେ ଏହି ମୋବାଇଲ କୋର୍ଟ ଜରିଆରେ ବିଭିନ୍ନ ଯାନବାହନ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ୧୧୭ଟି ମାମଲା ରୁଜୁ କରାଯିବା ସହ ୪୯ହଜାର ୨୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇଥିଲା । ବିନା ହେଲ୍‌ମେଟରେ ବାଇକ୍ ଚାଳନା, ବିନା ବେଲ୍ଟରେ ୪ ଚକିଆ ଯାନ ଚାଳନା କରିବା, ଟ୍ରାଫିକ୍ ନିୟମ ଅମାନ୍ୟ କରୁଥିବା ଗାଡିଗୁଡିକୁ ଧରପଗଡ କରାଯାଇ ଜରିମାନା ଆଦାୟ ହୋଇଛି । ଯାଞ୍ଚ ବେଳେ ଏସ୍‌ଡିଜେଏମ୍ ସୁଚରିତା ମହାନ୍ତି ଓ ଏସ୍‌ଡିପିଓ ତପନ ରଥ ଉପସ୍ଥିତ ଥିଲେ ।

### ଗଜପତି ମହାରାଜାଙ୍କ ଜୟନ୍ତୀ



ପାରଳାଖେମୁଣ୍ଡି,୨୬।୪ (ସ୍ୱ.ପ୍ର.) : ନବ ଉତ୍କଳ ନିର୍ମାତା ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାଣ ଦେବଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ଆପ୍ ତରଫରୁ ହରର ଗାନ୍ଧୀ ଛକ ଓ ବଜାର ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ଓଡିଆ ଭାଷା, ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ତାଙ୍କ ଭୂମିକା ଓ ଓଡିଶା ତଥା ଗଜପତି ଜିଲାରେ ଶିକ୍ଷା, କୃଷିର ଉନ୍ନତି କ୍ଷେତ୍ରରେ ତାଙ୍କର ଅବଦାନ ନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତ, କିଶୋର ଚନ୍ଦ୍ର ଗୁରୁ, ଦେବେନ୍ଦ୍ରନାଥ ଜମାଦାର, ତ୍ରିନାଥ ପଟ୍ଟନାୟକ, ପ୍ରେମାନନ୍ଦ ପଟ୍ଟନାୟକ, ତ୍ରିନାଥ ଅଧିକାରୀ, ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଗଞ୍ଜେଇ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୨୬।୪ (ସ୍ୱ.ପ୍ର.):ଗଜପତି ଜିଲା ଆର୍.ଉଦୟଗିରି ପୋଲିସ୍ ଚାଲାଣବେଳେ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତଥିବା ଜଣକୁ ଗିରଫ କରାଯାଇଛି । ସେ ହେଲେ ମହେନ୍ଦ୍ରଗଡ ପଞ୍ଚାୟତର ଶୁଗାଡ ଗ୍ରାମର ଲାବଣ୍ୟ କରାଡ । ଜବତ ହୋଇଥିବା ୩୭୫ କିଗ୍ରା ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ । ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଆର୍.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଗୁରୁବାର ସକାଳେ ସିଆଳିଲଟି ପଞ୍ଚାୟତ କୁଆଁପଡା ଛକ ଜଙ୍ଗଲ ରାସ୍ତାରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିଥିଲା। ଏଥିଲାଗି ଆର୍.ଉଦୟଗିରି ଥାନା ଅଧିକାରୀ କୁଳମଣି ସେଠୀ, ଏସ୍.ଆଇ. ପ୍ରଫୁଲ୍ଲ ପ୍ରଧାନଙ୍କ ସହ ଏକ ଟିମ୍ ଗଠନ କରାଯାଇ କୁଆଁପଡା ଛକସ୍ଥିତ ଜଙ୍ଗଲରେ ଚଢାଉ କରାଯାଇଥିଲା । ସେଠାରୁ ୧୬ ଗୋଟି ବସ୍ତାରେ ଥିବା ଗଞ୍ଜେଇ ଜବତ କରାଯାଇଥିଲା । ଏଥିରେ ସମ୍ପୃକ୍ତ ଥିବା ଲାବଣ୍ୟଙ୍କୁ ଗିରଫ କରିଥିଲେ ବୋଲି ଏସ୍‌ଡିପିଓ ମହାନ୍ତି କହିଛନ୍ତି ।

### ସାଓମୀ ଏମ୍‌ଆଇ ବିପଣନ ପ୍ରତିଷ୍ଠାନ ଉଦ୍‌ଘାଟିତ

ମୁନିଗୁଡା, ୨୬।୪(ଡ଼ି.ଏନ.ଏ)-ରାୟଗଡା ଜିଲା ମୁନିଗୁଡା ହାଇସ୍କୁଲ ସମ୍ମୁଖ ରାଜମାର୍ଗରେ ଶୁକ୍ରବାର ସାଓମୀଏମଆଇ କମ୍ପାନୀର ବିପଣନ ପ୍ରତିଷ୍ଠାନ ଶାଖା ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ବିଷମକଟକ ପୋଲିସ ଉପଆରକ୍ଷୀ ଅଧୀକ୍ଷକ ଚନ୍ଦ୍ରଶେଖର ହୋତା ଉଦ୍‌ଘାଟନ କରିଥିଲେ। ବଜାର ଚାହିଦା ସହ ଗ୍ରାହକମାନଙ୍କର ପସନ୍ଦକୁ ଦୃଷ୍ଟିରେ ରଖି କମ୍ପାନୀ ତରଫରୁ ଏଲଇଡି ଟିଭି, ମୋବାଇଲ ଏବଂ ଅନ୍ୟାନ୍ୟ ଉତ୍ପାଦ ଏଠାରେ ସହଜ ଓ ସୁଲଭମୂଲ୍ୟରେ ଉପଲବ୍ଧ ହେବ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ଏଏସଏମ ଗୋବିନ୍ଦ ରାଓ, ସହାୟକ ସେଲସମ୍ୟାନ କେଦାର ନାଲା, ଆଶିଷ କୁମାର ଉପସ୍ଥିତ ଥିଲେ । ଶାଖା ପ୍ରତିଷ୍ଠାନ ପରିଚାଳକ ନିରଞ୍ଜନ ସୁବୁଦ୍ଧି ଏବଂ ଦାରୁବ୍ରହ୍ମ ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ୪ ଚୋରଙ୍କୁ କାବୁକଲେ ଗ୍ରାମବାସୀ

ଜେକେପୁର,୨୬।୪(ଡ଼ି.ଏନ.ଏ)

ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଲାଲବି ଗ୍ରାମବାସୀ ଶୁକ୍ରବାର ୪ ଚୋରଙ୍କୁ ଧରିଛନ୍ତି । ସେମାନଙ୍କୁ ନିର୍ଦ୍ଧୂମ୍ ପିଟି ଚାନ୍ଦିଲି ପୋଲିସ ଜିମା ଦେଇଛନ୍ତି । ସେମାନେ ହେଲେ ଦୁଦୁଲି ପଞ୍ଚାୟତ ଇମାଲିଗୁଡା ଗ୍ରାମର ସୁଜିତ୍ କରକରିଆ(୨୫), ଜେକେପୁରସ୍ଥିତ ଗାନ୍ଧୀପଡାର ସୁଦେଶ କରକରିଆ(୨୪), ଡଙ୍ଗରପଡାର କାହ୍ନୁ କଣ୍ଡାଗରୀ ଓ ଅମ୍ଲଭଟ୍ଟା ଛକର ପଦ୍ମନ ବାଗ । ଏନେଇ ପୋଲିସ ଏକ ମାମଲା(୭୦/୧୯) ରୁଜୁ କରି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କଠାରୁ ସୁନାକାନ ଫୁଲ ଓ ନାକଫୁଲ,ମୋବାଇଲ ସହ ବ୍ୟବହାର କରୁଥିବା ବାଇକ୍(ଓଆର ୦୮-ଏଫ-୨୬୧୧)କୁ ଜବତ କରିଛି ।

ମଧ୍ୟାହ୍ନରେ କୋଲନରା ବ୍ଲକ କୈଳାସପୁର ପଞ୍ଚାୟତ ଲାଲବି ଗ୍ରାମରେ ରହୁଥିବା ସରପଞ୍ଚ ଅଭିରାମ ଉଲାକାଙ୍କ ବୃଦ୍ଧା ମାଆ ଘରେ ଏକାକୀ ଥିଲେ। ଏହି ସମୟରେ ଉକ୍ତ ୪ ଯୁବକ ଏକ ବାଇକରେ ଆସି ସେଠାରେ ପହଞ୍ଚିଥିଲେ। ବୃଦ୍ଧାଙ୍କୁ ଏକାକୀ ଦେଖି ତାଙ୍କ ନିକଟକୁ ଯାଇଥିଲେ । ସେମାନେ ଖରାରୁ ଆସିଥିବାରୁ ମାଣ୍ଡିଆ ଜାଉ ମାଗି ପିଇଥିଲେ ଏବଂ ବୃଦ୍ଧାଙ୍କ ସହ କଥାବାର୍ତ୍ତା ହୋଇଥିଲେ। ପରେ ବୃଦ୍ଧାଙ୍କୁ ଧମକାଇ ସେ ପିନ୍ଧିଥିବା ସୁନା କାନଫୁଲ, ନାକଫୁଲକୁ ମାଗିଥିଲେ। ସେ ନ ଦେବାରୁ ସେମାନେ ତାଙ୍କଠାରୁ ଜବରଦସ୍ତ ନେଇ ଯାଇଥିଲେ। ବୃଦ୍ଧା ଜଣକ ଚିତ୍କାର କରିବାରୁ ସାହିପଡିଶା ଦୌଡ଼ି ଆସିଥିଲେ । ଗ୍ରାମବାସୀଙ୍କୁ ଦେଖି ଚୋରମାନେ ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ। ହେଲେ ଗ୍ରାମବାସୀ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ସେମାନଙ୍କୁ ନିର୍ଦ୍ଧୂମ ପିଟି ପୋଲିସକୁ ଖବର ଦେଇଥିଲେ। ଚାନ୍ଦିଲି ଥାନା ଏସ.ଆଇ.ଅଶୋକ ପ୍ରଧାନ ଓ ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ଏସ.ଆଇ.ହର୍ଷଚନ୍ଦ୍ର ପାଣିଙ୍କ ସମେତ ଏକ ଟିମ୍ ପହଞ୍ଚି ଉକ୍ତ ୪ ଚୋରଙ୍କୁ ଗିରଫ କରିଥିଲେ। ସରପଞ୍ଚ ଅଭିରାମ ଏ ନେଇ ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ।

**ନିର୍ଦ୍ଧୂମ ପିଟି ପୋଲିସ ଜିମା ଦେଲେ**



ଗିରଫ ହୋଇଥିବା ୪ ଚୋର ।

# ସିଜେଏମ୍ ଅଦାଲତରେ ହାଜର ହେଲେ ସବ୍ୟସାଚୀ

ରାୟଗଡା ଅଫିସ୍, ୨୬।୪

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଶୁକ୍ରବାର ରାୟଗଡା ସିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଛି । ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟଣାରେ ସିଜେଏମ୍ ଜ୍ଞାନେନ୍ଦ୍ର କୁମାର ବାରିକଙ୍କ ସମ୍ମୁଖରେ ହାଜର କରାଯାଇଥିଲା । ଏହି ମାମଲାରେ ସାକ୍ଷୀ ଭାବେ ନୋଟିସ ହୋଇଥିବା ୭ଜଣ ଅନୁପସ୍ଥିତ ରହିବାରୁ ଶୁଣାଣି ହୋଇ ନ ଥିବା ସବ୍ୟସାଚୀଙ୍କ ଓକିଲ ମଙ୍ଗଳମୂର୍ତ୍ତି ବେଉରିଆ କହିଛନ୍ତି। କଡା ସୁରକ୍ଷା ମଧ୍ୟରେ ସବ୍ୟସାଚୀଙ୍କୁ ବ୍ରହ୍ମପୁରରୁ ଆଣି କୋର୍ଟରେ ହାଜର କରାଯିବା ପରେ ପୁଣି ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି ।

ପ୍ରକାଶଥାଉ କି, ୨୦୦୨ ଡିସେମ୍ବର ୫ତାରିଖ ସନ୍ଧ୍ୟାରେ ବ୍ରହ୍ମପୁରରୁ ପୋଲିସର ଏକ ଖେଳାଳି ଦଳ ଏକ ଗାଡ଼ି(ଓଆର୍.୦୨.ଭି-୭୫୯୩ )ରେ କୋରାପୁଟ ଫେରୁଥିଲେ । ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଭୁଜବଳଠାରେ ଗାଡିଟି ଗୋଟିଏ କଲଭର୍ଟ ପାର ହେଉଥିବା ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା । ଗାଡିରେ ବସିଥିବା ୧୮ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାକୁ ଭିତ୍ତିକରି ସବ୍ୟସାଚୀଙ୍କ ନାମରେ ଚାନ୍ଦିଲି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା ।



ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଅଦାଲତକୁ ନିଆଯାଉଛି ।

# କେଜିବିଭିର ପୁରସ୍କାର ବିତରଣ ଉତ୍ସବ

କୋଲନରା, ୨୬।୪(ଡି.ଏନ୍.ଏ)

ରାୟଗଡା ଜିଲା କୋଲନରା ବ୍ଲକ୍ ସଦରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କୋଲନରା ଗୋଷ୍ଠୀ ଶିକ୍ଷାଧିକାରୀ ଏମ୍.ଖଗେଶ୍ୱର ରାଓ ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବୃନ୍ଦାବନ ମାରାଣ୍ଡି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ମହାପାତ୍ର, ସଭାପତି ଭାବେ ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ରନାଥ ମିଶ୍ର ସମ୍ମାନିତ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବୋଧ କୁମାର ବେହେରା ମୁଖ୍ୟବକ୍ତା, ଏବିଇଓ ପ୍ରଶାନ୍ତ କୁମାର ମିଶ୍ର ଓ ଆବାହକ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ବିପୁଳା ପାତ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଦେବେନ୍ଦ୍ର କୁମାର ଦୋରା, ଦାଶରଥୀ ଆଚାର୍ଯ୍ୟ, ୱାର୍ଡେନ ମାନସୀ ମିଶ୍ର ସହଯୋଗ କରିଥିଲେ । ଏହାପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

## ଠାକୁରାଣୀ ଯାତ୍ରା ନେଇ ଶୁଭଖୁଣ୍ଟି ସ୍ଥାପନ

ରାୟଗଡ଼(ଗଜପତି), ୨୬।୪(ଡ଼ି.ଏନ.ଏ)

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ମଝିସାହିରେ ଆସନ୍ତା ୧୦ ତାରିଖରୁ ଠାକୁରାଣୀ ଯାତ୍ରା ଆରମ୍ଭ ହେବ । ଏଥିପାଇଁ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ପୁରୋହିତ ନିଲୁ ପାତ୍ର ପୂଜାର୍ଚ୍ଚନା କରିଥିବା ବେଳେ କମିଟି ସଭାପତି ରବି ପାଇକ ଶୁଭଖୁଣ୍ଟି ସ୍ଥାପନ କରିଥିଲେ । ୩ ବର୍ଷ ପରେ ଘଟହାଣ୍ଡି ଏଠାକୁ ଅଣାଯିବ । ଏହି ଯାତ୍ରା ୫ ଦିନ ଧରି ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଯାତ୍ରା କମିଟି ସଭାପତି ପାଇକ କହିଛନ୍ତି । ଏହି ଅବସରରେ ସମ୍ପାଦକ ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଜଗା ପାଇକ, ଶିବଶଙ୍କର ଭୂୟାଁ, ଅରୁଣ ପାଇକ, ପ୍ରଦୀପ ଦଳପତି, ସବ୍ୟ ପାଇକଙ୍କ ସମେତ ସାହିର ସମସ୍ତ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

# ଫୌଜଦାରି ଆଇନ ପ୍ରଣୟନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ରାୟଗଡା ଅଫିସ୍, ୨୬।୪

ରାୟଗଡା ସିଭିଲକୋର୍ଟ ପରିସରରେ ଥିବା କନଫରେନ୍ସ ଗୃହରେ ଜିଲା ଆଇନ୍‌ସେବା ପ୍ରାଧିକରଣ ସଂସ୍ଥା ଆନୁକୂଲ୍ୟରେ ଫୌଜଦାରି ଆଇନ୍ ବ୍ୟବସ୍ଥା ସମ୍ପର୍କିତ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିବାର ଅଦାଲତର ଜଜ୍ ସୌଭାଗିନୀ ମଲ୍ଲିକ, ଅତିରିକ୍ତ ଜିଲା ଦୌରାଜଜ୍ ଆଶିଷ କୁମାର ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଜ୍ଞାନେନ୍ଦ୍ର କୁମାର ବାରିକ, ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ରୁଦ୍ରପ୍ରସାଦ ମହାପାତ୍ର, ଅନୁବିଭାଗୀୟ ଦଣ୍ଡାଧିକାରୀ ସୁଚରିତା ମହାନ୍ତି, ନ୍ୟାୟାଧିକାରୀ ଗ୍ରାମ ନ୍ୟାୟାଳୟ ବୈଶାଳି ନାୟକ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ମହମ୍ମଦ ହବିବୁର ରେହେମାନ ସିଦ୍ଦିକ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଅବକାରୀ ଇନ୍ସପେକ୍ଟର ଦିଲୀପ କୁମାର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ଆଇନ୍ ବ୍ୟବସ୍ଥାରେ ଫୌଜଦାରି ଆଇନ୍‌କୁ କିପରି ସଠିକ୍ ରୂପେ ପ୍ରଣୟନକରି ସାଧାରଣ ଲୋକମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ନେଇ ମତବ୍ୟକ୍ତ କରିଥିଲେ । ସମ୍ପାଦକ ହୃଷୀକେଶ ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ଜିଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଦୌରାଜଜ୍ ସୋମଶେଖର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଧ୍ୟସ୍ଥତା ଓକିଲ ସାମୁଏଲ ତାଣ୍ଡୀ ଧନ୍ୟବାଦ ଦେଇଥିଲେ ।

# ଉତ୍କଳ ପ୍ରଦେଶ ଗଠନରେ କୃଷ୍ଣଚନ୍ଦ୍ରଙ୍କ ଭୂମିକା ଅତୁଳନୀୟ

ରାୟଗଡା ଅଫିସ୍, ୨୬।୪

ରାୟଗଡାଠାରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ୧୨୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ସକାଳ ୮ଟା ସମୟରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବରିଷ୍ଠ ଖବରଦାତା ଏନ୍.ଏନ୍ ପାଢ଼ୀ, ସତ୍ୟବାଦୀ ପତି, ଗୋପୀନାଥ ସାହୁ, କେଦାରନାଥ ପଣ୍ଡା, ଉଦୟନାଥ ପଣ୍ଡା, ବାଦଲ କୁମାର ତା, ବିଦ୍ୟୁଲତା ହୁଇକା, ଡା.ଦୁଷ୍ମନ୍ତ କୁମାର ମହାନ୍ତି, ସାଲଭା ରାଜୁ, ପ୍ରମୋଦ କୁମାର ପରିଚ୍ଛା, ଗୋପସୁନ୍ଦର ଦାଶ, ସୁନୀଲ କୁମାର ପଣ୍ଡା, ବିନାୟକ କର, ମନୋଜ କୁମାର ରଥ, ତିରୁପତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ନୂତନ ଉତ୍କଳ ପ୍ରଦେଶ ସୃଷ୍ଟିରେ କୃଷ୍ଣଚନ୍ଦ୍ର ଗଜପତିଙ୍କର ଭୂମିକା ଓ ସାଧାରଣ ଲୋକଙ୍କ ବିକାଶରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ ପାଇଥିଲା ।



ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ।

# କାଶିପୁର ବ୍ଲକର ବିଭିନ୍ନ ସ୍କୁଲରେ ତାଲା

ଟିକିରି,୨୬।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର କିଛି ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଗତ ୧୮ ତାରିଖଠାରୁ ସରକାର ବିଦ୍ୟାଳୟଗୁଡିକ ଛୁଟି ଘୋଷଣା କରିଥିଲେ । ହେଲେ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ଯିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରଖିବା କଥା । କିନ୍ତୁ ବ୍ଲକର କିଛି ବିଦ୍ୟାଳୟରେ ତାଲା ଝୁଲୁଥିବା ଅଭିଯୋଗ ହୋଇଛି । ସେହିପରି କିଛି ଶିକ୍ଷୟିତ୍ରୀ ଶିକ୍ଷକ କାଶୀପୁର ବ୍ଲକରେ ଚାକିରି କରୁଥିଲେ ସୁଦ୍ଧା ରାୟଗଡା ସହରରେ ରହି ଯାତାୟାତ କରୁଛନ୍ତି । ତେଣୁ ସକାଳୁଆ ସ୍କୁଲ ଯୋଗୁ ଠିକ୍ ସମୟରେ ପହଞ୍ଚିବାରେ ସମସ୍ୟା ଦେଖାଦେଉଛି । ବସ୍ ଓ ଟ୍ରେନ୍ ଯୋଗେ ପହଞ୍ଚିବା ବେଳକୁ ସ୍କୁଲ ସମୟ ପ୍ରାୟ ସରି ଯାଉଥିବା ଜଣାଯାଉଛି । ଏ ନେଇ କାଶୀପୁର ବିଇଓ ଜଗଦୀଶ ଚନ୍ଦ୍ର ସିଂଙ୍କୁ ପଚାରିବାରୁ, ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଛୁଟି ହୋଇଛି । ଶିକ୍ଷୟିତ୍ରୀଶିକ୍ଷକ ୩ ତାରିଖ ପର୍ଯ୍ୟନ୍ତ ସ୍କୁଲ ଯିବେ । ଯଦି କୌଣସି ବିଦ୍ୟାଳୟ କାର୍ଯ୍ୟ ଦିବସରେ ବନ୍ଦ ରହୁଛି, ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# କୃଷ୍ଣଚନ୍ଦ୍ର ଗଜପତି ଜୟନ୍ତୀ ପାଳିତ

କାଶୀନଗର/ପାରଳାଖେମୁଣ୍ଡି, ୨୬।୪(ଡ଼ି.ଏନ.ଏ/ସ୍ୱ.ପ୍ର)

ଗଜପତି ଜିଲା କାଶୀନଗର ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବଂଶଧାରା ପାଠାଗାର ସଭାପତି ହୃଷୀକେଶ ଗୌଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ସ୍ଥାନୀୟ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ କୁମାର ବେହେରା ମୁଖ୍ୟଅତିଥି, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ଡାଏଟର ଭାରପ୍ରାପ୍ତ ଅଧକ୍ଷ ଡାକ୍ତର ମୁର୍ମୁ, ବରିଷ୍ଠ ଖବରଦାତା ପତିତପାବନ ପାତ୍ର ସମ୍ମାନିତ ଅତିଥି, ଓଡିଶା ଭାଷା ସାହିତ୍ୟ କଳା ସଂସ୍କୃତି ମହାସଭାର କାର୍ଯ୍ୟକାରୀ ସଭାପତି କବି ପ୍ରଶାନ୍ତ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ରାମଗିରିର ହିନ୍ଦୀ ଶିକ୍ଷକ ନରସିଂହ ଗୌଡ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଡାକ୍ତର ସଚ୍ଚିକାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ବିନ୍ଦୁ ମାଧବୀ, ହିନ୍ଦୀ ଶିକ୍ଷକ ନରସିଂହ ଗୌଡ, ପୋଲିସ କର୍ମଚାରୀ ବିମ୍ବରାଜ ଦାଶ, ସଫେଇ କର୍ମୀ ପି. ରାମପ୍ରସାଦ, ଚିତ୍ରଶିଳ୍ପୀ କେ. ରାମବାବୁ, ରିପୋର୍ଟର ରାଜେଶ ନାୟକ, ଆଶାକର୍ମୀ ସମୀକ୍ଷା ଗମାଙ୍ଗ, ବ୍ରଜସୁନ୍ଦର ଦାଶ, ରଶ୍ମିତା କୁମାରୀ ଚୌଧୁରୀ, କେ. ରମେଶ, କଣ୍ଠଶିଳ୍ପୀ ସାବିତ୍ରୀ କୁମାରୀ ସାହୁଙ୍କୁ ପ୍ରମାଣପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ସମାବେଶରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

# କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ଉପରେ ଆଲୋଚନା

ପାରଳାଖେମୁଣ୍ଡି,୨୬।୪ (ସ୍ୱ.ପ୍ର.)

ଜିଲା ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡି ଠାରେ ନବଉତ୍କଳ ନିର୍ମାତା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବଜାର ଛକସ୍ଥିତ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଅନୁପମ ସାହା, ଜିଲା ଉତ୍କଳ ସମ୍ମିଳନୀର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ମହାରାଜାଙ୍କ ନାତୁଣୀ କଲ୍ୟାଣୀ ଗଜପତିଙ୍କ ସମେତ ସମସ୍ତେ ମହାରାଜାଙ୍କ ସମାଧି ପୀଠ ତଥା ସ୍ମୃତି ସୌଦଠାରେ ପୁଷ୍ପଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଏବଂ ଗୁରୁମା ଗୁରୁଜୀମାନଙ୍କ ଦ୍ୱାରା ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ପୂର୍ବାହ୍ନରେ ପ୍ରଧାନ ଗୁରୁଜୀ ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲାପାଳ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ପାରଳା ମହାରାଜାଙ୍କ ଜୀବନୀ, ଉତ୍କଳ ସମ୍ମିଳନୀ ଓ କର୍ମମୟ ଜୀବନୀ ଉପରେ କହିଥିଲେ । ଓଡିଆ ଭାଷା ଓ ଭାଷୀଙ୍କୁ ଏକାଠି କରିବା, ଓଡିଆ ସାହିତ୍ୟକୁ ଦେଶଭକ୍ତ ତଥା ବୁଦ୍ଧିମନ୍ତ କରିବା କ୍ଷେତ୍ରରେ ଉନ୍ନତମୂଳକ କାର୍ଯ୍ୟ ନେଇ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାରାଜାଙ୍କ ଅବଦାନ ଉପରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ, ମହନ୍ତ ମହାରାଜ ରାମାନନ୍ଦ ଦାସଜୀ ମହାରାଜ ମଞ୍ଚାସୀନ ରହି ମହାରାଜାଙ୍କ ବିଭିନ୍ନ କର୍ମମୟ ଜୀବନ, କୃତିତ୍ୱ ଏବଂ ଉନ୍ନତିମୂଳକ କାର୍ଯ୍ୟ ଉପରେ କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, କନିଷ୍ଠ ଯନ୍ତ୍ରୀ ଡି.ଯୁଧିଷ୍ଠିର, ଯନ୍ତ୍ରୀ ମଧୁସ୍ମିତା ଦାସ, ପୌରଯନ୍ତ୍ରୀ ଡି.ଭେଙ୍କେଟେଶ୍ୱ ରମଣ, ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ସମାଧି ପୀଠରେ ବିଭିନ୍ନ ଅଧିକାରୀଙ୍କ ସହ ଅନ୍ୟମାନେ ।

